# .. ଶ୍ରୀମଦ୍‌ଭଗବଦ୍‌ଗୀତା ଅଷ୍ଟାଦଶୋଽଧ୍ୟାୟଃ (ମୋକ୍ଷସଂନ୍ୟାସୟୋଗଃ) ..

CHAPTER 18
NIRVANA THROUGH RENUNCIATION

ଅଥାଷ୍ଟାଦଶୋଽଧ୍ୟାୟଃ . ମୋକ୍ଷସଂନ୍ୟାସୟୋଗଃ

ଅର୍ଜୁନ ଉବାଚ .

ସଂନ୍ୟାସସ୍ୟ ମହାବାହୋ ତତ୍ତ୍ୱମିଚ୍ଛାମି ବେଦିତୁମ୍ .
ତ୍ୟାଗସ୍ୟ ଚ ହୃଷୀକେଶ ପୃଥକ୍‌କେଶିନିଷୂଦନ .. ୧୮-୧..

ଅର୍ଜୁନ କହିଲେ -- ହେ ମହାବାହୁ ! ହେ ଅନ୍ତର୍ଯାମୀ ! ହେ ବାସୁଦେବ ! ମୁଁ ସନ୍ନ୍ୟାସ ଏବଂ ତ୍ୟାଗର ତତ୍ତ୍ୱ ପୃଥକ୍ ପୃଥକ୍‌ଭାବରେ ଜାଣିବାକୁ ଇଚ୍ଛା କରୁଛି ||୧୮-୦୧ ||

Arjuna said: I wish to know the nature of Samnyasa and Tyaaga and the difference between the two, O Lord Krishna. (18.01)

ଶ୍ରୀଭଗବାନୁବାଚ .

କାମ୍ୟାନାଂ କର୍ମଣାଂ ନ୍ୟାସଂ ସଂନ୍ୟାସଂ କବୟୋ ବିଦୁଃ .
ସର୍ବକର୍ମଫଲତ୍ୟାଗଂ ପ୍ରାହୁସ୍ତ୍ୟାଗଂ ବିଚକ୍ଷଣାଃ .. ୧୮-୨..

ଶ୍ରୀଭଗବାନ୍ କହିଲେ-- କେତେକ ପଣ୍ଡିତ କାମ୍ୟକର୍ମମାନଙ୍କର ତ୍ୟାଗକୁ ସନ୍ନ୍ୟାସ ବୋଲି ବୁଝନ୍ତି ଏବଂ ଅନ୍ୟ ବିଚାରକୁଶଳ ପୁରୁଷମାନେ ସକଳ କର୍ମର ଫଳତ୍ୟାଗକୁ ତ୍ୟାଗ ବୋଲି କହନ୍ତି ||୧୮-୦୨ ||

The Supreme Lord said: The sages call Samnyasa the renunciation of selfish work. The wise define Tyaaga as the renunciation of attachment to the fruits of all work. (See also 5.01, 5.05, and 6.01) (18.02)

ତ୍ୟାଜ୍ୟଂ ଦୋଷବଦିତ୍ୟେକେ କର୍ମ ପ୍ରାହୁର୍ମନୀଷିଣଃ .
ୟଜ୍ଞଦାନତପଃକର୍ମ ନ ତ୍ୟାଜ୍ୟମିତି ଚାପରେ .. ୧୮-୩..

କେହି କେହି ବିଦ୍ୱାନ୍ କହନ୍ତି ଯେ, କର୍ମମାତ୍ରକେ ଦୋଷଯୁକ୍ତ; ତେଣୁ ତାହା ତ୍ୟାଗ କରିବା ଉଚିତ ଏବଂ ଅନ୍ୟ ବିଦ୍ୱାନ୍‌ମାନେ କହନ୍ତି ଯେ, ଯଜ୍ଞ, ଦାନ ଓ ତପରୂପକ କର୍ମ ତ୍ୟାଗ କରିବା ଉଚିତ ନୁହେଁ ||୧୮-୦୩ ||

Some philosophers say that all work is full of faults and should be given up, while others say that acts of sacrifice, charity, and austerity should not be abandoned. (18.03)

**ନିଶ୍ଚୟଂ ଶୃଣୁ ମେ ତତ୍ର ତ୍ୟାଗେ ଭରତସତ୍ତମ .**

**ତ୍ୟାଗୋ ହି ପୁରୁଷବ୍ୟାଘ୍ର ତ୍ରିବିଧଃ ସଂପ୍ରକୀର୍ତ୍ତିତଃ .. ୧୮-୪..**

ହେ ପୁରୁଷଶ୍ରେଷ୍ଠ ଅର୍ଜୁନ! ସନ୍ନ୍ୟାସ ଓ ତ୍ୟାଗ- ଏହି ଦୁଇଟି ମଧ୍ୟରୁ ପ୍ରଥମେ ତ୍ୟାଗ ବିଷୟରେ ତୁମେ ମୋର ନିଶ୍ଚିତ ମତ ଶୁଣ | ତ୍ୟାଗ ସାତ୍ତ୍ୱିକ, ରାଜସ ଓ ତାମସ ଭେଦରେ ତିନିପ୍ରକାର ବୋଲି କୁହାଯାଇଛି ||୧୮-୦୪ ||

*O Arjuna, listen to My conclusion about Tyaaga. Tyaaga is said to be of three types. (18.04)*

**ଯଜ୍ଞଦାନତପଃକର୍ମ ନ ତ୍ୟାଜ୍ୟଂ କାର୍ୟମେବ ତତ୍ .**

**ଯଜ୍ଞୋ ଦାନଂ ତପଶ୍ଚୈବ ପାବନାନି ମନୀଷିଣାମ୍ .. ୧୮-୫..**

ଯଜ୍ଞ, ଦାନ ଓ ତପରୂପକ କର୍ମ ତ୍ୟାଗ କରିବା ଉଚିତ ନୁହେଁ; ବରଂ ତାହା ଅବଶ୍ୟ କରଣୀୟ; କାରଣ ଯଜ୍ଞ, ଦାନ ଓ ତପ- ଏହି ତିନୋଟି କର୍ମ ହିଁ ବୁଦ୍ଧିମାନ୍ ପୁରୁଷମାନଙ୍କୁ ପବିତ୍ର କରେ | ||୧୮-୦୫ ||

*Acts of sacrifice, charity, and austerity should not be abandoned, but should be performed, because sacrifice, charity, and austerity are the purifiers of the wise. (18.05)*

**ଏତାନ୍ୟପି ତୁ କର୍ମାଣି ସଂଗଂ ତ୍ୟକ୍ତ୍ୱା ଫଲାନି ଚ .**

**କର୍ତବ୍ୟାନୀତି ମେ ପାର୍ଥ ନିଶ୍ଚିତଂ ମତମୁତ୍ତମମ୍ .. ୧୮-୬..**

ତେଣୁ ହେ ପାର୍ଥ! ଆସକ୍ତି ଓ ଫଳ ତ୍ୟାଗ କରି ଏହି ଯଜ୍ଞ, ଦାନ ଏବଂ ତପରୂପକ କର୍ମ ତଥା ଅନ୍ୟ ସକଳ କର୍ତ୍ତବ୍ୟକର୍ମ ଅବଶ୍ୟ କରିବା ଉଚିତ | ଏହା ହେଉଛି ମୋର ନିଶ୍ଚୟ କରାଯାଇଥିବା ଉତ୍ତମ ମତ | ||୧୮-୦୬ ||

*Even these (obligatory) works should be performed without attachment to the fruits. This is My definite supreme advice, O Arjuna. (18.06)*

**ନିୟତସ୍ୟ ତୁ ସଂନ୍ୟାସଃ କର୍ମଣୋ ନୋପପଦ୍ୟତେ .**

**ମୋହାତ୍ତସ୍ୟ ପରିତ୍ୟାଗସ୍ତାମସଃ ପରିକୀର୍ତ୍ତିତଃ .. ୧୮-୭..**

( ନିଷିଦ୍ଧ ଓ କାମ୍ୟକର୍ମ ତ ସ୍ୱରୂପତଃ ତ୍ୟାଗ କରିବା  ହିଁ ଉଚିତ ), ପରନ୍ତୁ ନିୟତ କର୍ମ ସ୍ୱରୂପତଃ ତ୍ୟାଗ କରିବା ଉଚିତ ନୁହେଁ | ତେଣୁ ମୋହବଶତଃ ତାହା ତ୍ୟାଗ କରିଦେବାକୁ ତାମସ ତ୍ୟାଗ କୁହାଯାଏ ||୧୮-୦୭ ||

Renunciation of obligatory work (or duty) is not proper. The abandonment of duty is due to delusion, and is declared to be Taamasika Tyaaga. (18.07)

**ଦୁଃଖମିତ୍ୟେବ ଯତ୍କର୍ମ କାୟକ୍ଲେଶଭୟାତ୍ତ୍ୟଜେତ୍ .**

**ସ କୃତ୍ୱା ରାଜସଂ ତ୍ୟାଗଂ ନୈବ ତ୍ୟାଗଫଲଂ ଲଭେତ୍ .. ୧୮-୮..**

ଯାହାକିଛି କର୍ମ ଅଛି, ସେସବୁ ଦୁଃଖରୂପ ହିଁ ଅଟେ - ଏପରି ବୁଝି ଯଦି କେହି ଶାରୀରିକ-କ୍ଲେଶଭୟରେ କର୍ତ୍ତବ୍ୟକର୍ମ ତ୍ୟାଗ କରିଦିଏ, ତେବେ ସେ ଏପରି ରାଜସ ତ୍ୟାଗ କରି କୌଣସିପ୍ରକାରେ ତ୍ୟାଗର ଫଳ ପାଏ ନାହିଁ ||୧୮-୦୮ ||

*One who abandons duty merely because it is difficult, or because of fear of bodily trouble, does not get the benefits of Tyaaga by performing such Raajasika Tyaaga. (18.08)*

**କାର୍ୟମିତ୍ୟେବ ଯତ୍କର୍ମ ନିୟତଂ କ୍ରିୟତେଽର୍ଜୁନ .**

**ସଂଗଂ ତ୍ୟକ୍ତ୍ୱା ଫଲଂ ଚୈବ ସ ତ୍ୟାଗଃ ସାତ୍ତ୍ୱିକୋ ମତଃ .. ୧୮-୯..**

ହେ ଅର୍ଜୁନ! ଶାସ୍ତ୍ରବିହିତ କର୍ମ କରିବା ହିଁ କର୍ତ୍ତବ୍ୟ ବୋଲି ଭାବି ଆସକ୍ତି ଓ ଫଳ-ତ୍ୟାଗପୂର୍ବକ ଯେଉଁ କର୍ମ କରାଯାଏ, ତାହା ହିଁ ସାତ୍ତ୍ୱିକ ତ୍ୟାଗ ବୋଲି ଗୃହୀତ ହୁଏ ||୧୮-୦୯ ||

*Obligatory work performed as duty, renouncing attachment to the fruit, is alone regarded as Saattvika Tyaaga, O Arjuna. (18.09)*

**ନ ଦ୍ୱେଷ୍ଟ୍ୟକୁଶଲଂ କର୍ମ କୁଶଲେ ନାନୁଷଜ୍ଜତେ .**

**ତ୍ୟାଗୀ ସତ୍ତ୍ୱସମାବିଷ୍ଟୋ ମେଧାବୀ ଛିନ୍ନସଂଶୟଃ .. ୧୮-୧୦..**

ଯେଉଁ ମନୁଷ୍ୟ ଅକୁଶଳ କର୍ମରେ ଦ୍ୱେଷ କରନ୍ତି ନାହିଁ, କି କୁଶଳ କର୍ମରେ ଆସକ୍ତ ହୁଅନ୍ତି ନାହିଁ, ସେହି ଶୁଦ୍ଧସତ୍ତ୍ୱଗୁଣଯୁକ୍ତ ପୁରୁଷ ସଂଶୟରହିତ, ବୁଦ୍ଧିମାନ୍ ଏବଂ ପ୍ରକୃତ ତ୍ୟାଗୀ ||୧୮-୧୦ ||

*One who neither hates a disagreeable work nor is attached to an agreeable work, is Saattvika, wise, a renunciant, and free from all doubts. (18.10)*

**ନ ହି ଦେହଭୃତା ଶକ୍ୟଂ ତ୍ୟକ୍ତୁଂ କର୍ମାଣ୍ୟଶେଷତଃ .**

**ଯସ୍ତୁ କର୍ମଫଲତ୍ୟାଗୀ ସ ତ୍ୟାଗୀତ୍ୟଭିଧୀୟତେ .. ୧୮-୧୧..**

କାରଣ ଶରୀରଧାରୀ କୌଣସି ବି ମନୁଷ୍ୟ ସମ୍ପୂର୍ଣ୍ଣରୂପେ ସକଳ କର୍ମ ତ୍ୟାଗ କରିଦେବାକୁ ସକ୍ଷମ ନୁହେଁ; ତେଣୁ ଯେ କର୍ମଫଳତ୍ୟାଗୀ, ତାଙ୍କୁ ହିଁ ତ୍ୟାଗୀ ବୋଲି କୁହାଯାଏ ||୧୮-୧୧ ||

Human beings cannot completely abstain from work. Therefore, the one who completely renounces the attachment to the fruits of all works is considered a Tyaagi (or renunciant). (18.11)

ଅନିଷ୍ଟମିଷ୍ଟଂ ମିଶ୍ରଂ ଚ ତ୍ରିବିଧଂ କର୍ମଣଃ ଫଲମ୍ .

ଭବତ୍ୟତ୍ୟାଗିନାଂ ପ୍ରେତ୍ୟ ନ ତୁ ସଂନ୍ୟାସିନାଂ କ୍ୱଚିତ୍ .. ୧୮-୧୨..

କର୍ମଫଳ ତ୍ୟାଗ କରି ନ ଥିବା ମନୁଷ୍ୟମାନଙ୍କର କର୍ମର ଭଲ, ମନ୍ଦ ଓ ମିଶ୍ରିତ-ଏପରି ତିନିପ୍ରକାର ଫଳ ମୃତ୍ୟୁପରେ ଅବଶ୍ୟ ହୁଏ; କିନ୍ତୁ କର୍ମଫଳ ତ୍ୟାଗ କରିଦେଇଥିବା ମନୁଷ୍ୟମାନଙ୍କ କର୍ମର ଫଳ କୌଣସି କାଳରେ ମଧ୍ଯ ହୁଏ ନାହିଁ ||୧୮-୧୨ ||

The threefold fruit of works -- desirable, undesirable, and mixed -- accrues after death to a non-Tyaagi but never to a Tyaagi. (18.12)

ପଂଚୈତାନି ମହାବାହୋ କାରଣାନି ନିବୋଧ ମେ .

ସାଂଖ୍ୟେ କୃତାଂତେ ପ୍ରୋକ୍ତାନି ସିଦ୍ଧୟେ ସର୍ବକର୍ମଣାମ୍ .. ୧୮-୧୩..

ହେ ମହାବାହୁ! କର୍ମମାନଙ୍କୁ ଅନ୍ତ କରିବାର ଉପାୟ କହୁଥିବା ସାଂଖ୍ୟଶାସ୍ତ୍ରରେ ସକଳ କର୍ମର ସିଦ୍ଧିପାଇଁ ପାଞ୍ଚଟି କାରଣ କୁହାଯାଇଛି; ସେଗୁଡିକ ତୁମେ ମୋଠାରୁ ଭଲଭାବରେ ଜାଣୀନିଅ ||୧୮-୧୩ ||

Learn from Me, O Arjuna, the five causes, as described in the Saamkhya doctrine, for the accomplishment of all actions. (18.13)

ଅଧିଷ୍ଠାନଂ ତଥା କର୍ତା କରଣଂ ଚ ପୃଥଗ୍ୱିଧମ୍ .

ବିବିଧାଶ୍ଚ ପୃଥକ୍ଚେଷ୍ଟା ଦୈବଂ ଚୈବାତ୍ର ପଂଚମମ୍ .. ୧୮-୧୪..

ଏହି ବିଷୟରେ ଅର୍ଥାତ୍ କର୍ମମାନଙ୍କ ସିଦ୍ଧିରେ ଅଧିଷ୍ଠାନ, କର୍ତ୍ତା, ବିଭିନ୍ନପ୍ରକାର କରଣ, ନାନାପ୍ରକାର ଚେଷ୍ଟା ଏବଂ ସେହିପରି ପଞ୍ଚମ ହେତୁ ଦୈବ ଅଟେ ||୧୮-୧୪ ||

The physical body or the seat of Karma, the doer or the Guna, various instruments or the organs (of perception and action), various Pranas or bioimpulses, and the fifth is the presiding deities (or the five basic elements). (18.14)

ଶରୀରବାଙ୍ମନୋଭିର୍ୟତ୍କର୍ମ ପ୍ରାରଭତେ ନରଃ .

ନ୍ୟାୟ୍ୟଂ ବା ବିପରୀତଂ ବା ପଂଚୈତେ ତସ୍ୟ ହେତବଃ .. ୧୮-୧୫..

ମନୁଷ୍ୟ ମନ, ବାଣୀ ଓ ଶରୀରଦ୍ୱାରା ଶାସ୍ତ୍ରାନୁକୂଳ ଅଥବା ବିପରୀତ, ଯାହା କିଛି ବି କର୍ମ କରେ, ଏହି ପାଞ୍ଚଟି ହିଁ ତାହାର କାରଣ ||୧୮-୧୫||

Whatever action, whether right or wrong, one performs by thought, word, and deed; these are its five causes. (18.15)

**ତତ୍ରୈବଂ ସତି କର୍ତାରମାତ୍ମାନଂ କେବଲଂ ତୁ ୟଃ .**

**ପଶ୍ୟତ୍ୟକୃତବୁଦ୍ଧିତ୍ୱାନ୍ନ ସ ପଶ୍ୟତି ଦୁର୍ମତିଃ .. ୧୮-୧୬..**

ପରନ୍ତୁ ଏପରି ହୋଇଥିଲେ ମଧ ଯେଉଁ ଅଶୁଦ୍ଧବୁଦ୍ଧି ହୋଇଥିବାରୁ ସେହି ବିଷୟରେ ଅର୍ଥାତ୍ କର୍ମମାନଙ୍କ ହେବାରେ ନିରଞ୍ଜନ ଶୁଦ୍ଧସ୍ୱରୂପ ଆତ୍ମାକୁ କର୍ତ୍ତା ବୋଲି ବୁଝେ, ସେହି ମଳିନବୁଦ୍ଧିଯୁକ୍ତ ଅଜ୍ଞାନୀ ମନୁଷ୍ୟ ଯଥାର୍ଥ ବୁଝେ ନାହିଁ ||୧୮-୧୬ ||

This being the case; the ignorant person who considers oneself as the sole agent due to imperfect understanding does not understand. (18.16)

**ୟସ୍ୟ ନାହଂକୃତୋ ଭାବୋ ବୁଦ୍ଧିର୍ୟସ୍ୟ ନ ଲିପ୍ୟତେ .**

**ହତ୍ୱାऽପି ସ ଇମାଁଲ୍ଲୋକାନ୍ନ ହଂତି ନ ନିବଧ୍ୟତେ .. ୧୮-୧୭..**

ଯେଉଁ ପୁରୁଷଙ୍କ ଅନ୍ତଃକରଣରେ ମୁଁ କର୍ତ୍ତା ବୋଲି ଭାବ ନାହିଁ ତଥା ଯାହାଙ୍କ ବୁଦ୍ଧି ସାଂସାରିକ ପଦାର୍ଥରେ ଓ କର୍ମରେ ଲିପ୍ତ ହୁଏ ନାହିଁ , ସେହି ପରୁଷ ଏହିସବୁ ଲୋକଙ୍କୁ ମାରିଦେଲେ ମଧ ବାସ୍ତବରେ ମାରନ୍ତି ନାହିଁ, କି ପାପରେ ବାନ୍ଧିହୁଅନ୍ତି ନାହିଁ ||୧୮-୧୭ ||

The one who is free from the notion of doership and whose wisdom is not befouled; even after slaying these people, neither slays nor is bound (by the act of killing). (18.17)

**ଜ୍ଞାନଂ ଜ୍ଞେୟଂ ପରିଜ୍ଞାତା ତ୍ରିବିଧା କର୍ମଚୋଦନା .**

**କରଣଂ କର୍ମ କର୍ତେତି ତ୍ରିବିଧଃ କର୍ମସଂଗ୍ରହଃ .. ୧୮-୧୮..**

ଜ୍ଞାତା, ଜ୍ଞାନ ଓ ଜ୍ଞେୟ- ଏହା ହେଉଛି ତ୍ରିବିଧ କର୍ମ-ପ୍ରେରଣା ଏବଂ କର୍ତ୍ତା, କରଣ ତଥା କ୍ରିୟା- ଏହା ହେଉଛି ତ୍ରିବିଧ କର୍ମସଂଗ୍ରହ | ||୧୮-୧୮ ||

The subject, the object, and the knowledge (of the object) are the threefold impetus to action. The (ten) organs, the Karma, and the Gunas are the threefold factors involved in any action. (18.18)

**ଜ୍ଞାନଂ କର୍ମ ଚ କର୍ତାଚ ତ୍ରିଧୈବ ଗୁଣଭେଦତଃ .**

**ପ୍ରୋଚ୍ୟତେ ଗୁଣସଂଖ୍ୟାନେ ୟଥାବଚ୍ଛୃଣୁ ତାନ୍ୟପି .. ୧୮-୧୯..**

ଗୁଣମାନଙ୍କର ସଂଖ୍ୟା ନିରୁପଣ କରୁଥିବା ଶାସ୍ତ୍ରରେ ଜ୍ଞାନ, କର୍ମ ଏବଂ କର୍ତ୍ତା- ଗୁଣଭେଦରେ ତିନିପ୍ରକାରର ବୋଲି ହିଁ କୁହାଯାଇଛି; ତାହା ମଧ ତୁମେ ମୋଠାରୁ ଭଲଭାବରେ ଶୁଣ ||୧୮-୧୯ ||

The Jnana (or knowledge), the Karma (or action), and the Kartaa (or agent) are said to be of three types according to the Guna theory of Saamkhya doctrine. Hear duly about these also. (18.19)

ସର୍ବଭୂତେଷୁ ଯେନୈକଂ ଭାବମବ୍ୟୟମୀକ୍ଷତେ .

ଅବିଭକ୍ତଂ ବିଭକ୍ତେଷୁ ତଜ୍ଜ୍ଞାନଂ ବିଦ୍ଧି ସାତ୍ତ୍ୱିକମ୍ .. ୧୮-୨୦..

ଯେଉଁ ଜ୍ଞାନଦ୍ୱାରା ମନୁଷ୍ୟ ପୃଥକ୍ ପୃଥକ୍ ସକଳ ପ୍ରାଣୀଙ୍କ ଠାରେ ଏକ ଅବିନାଶୀ ପରମାତ୍ମଭାବକୁ ହିଁ ବିଭାଗରହିତ ହୋଇ ସମଭାବରେ ରହିଥିବାର ଦେଖେ, ସେହି ଜ୍ଞାନକୁ ତୁମେ ସାତ୍ତ୍ୱିକ ବୋଲି ଜାଣ ||୧୮-୨୦ ||

Knowledge by which one sees a single imperishable reality in all beings as undivided in the divided; such knowledge is considered to be Saattvika. (18.20)

ପୃଥକ୍ତ୍ୱେନ ତୁ ଯଜ୍ଜ୍ଞାନଂ ନାନାଭାବାନ୍ପୃଥଗ୍ବିଧାନ୍ .

ବେତ୍ତି ସର୍ବେଷୁ ଭୂତେଷୁ ତଜ୍ଜ୍ଞାନଂ ବିଦ୍ଧି ରାଜସମ୍ .. ୧୮-୨୧..

କିନ୍ତୁ ଯେଉଁ ଜ୍ଞାନଦ୍ୱାରା ମନୁଷ୍ୟ ସକଳ ଭୂତଙ୍କ ଠାରେ ଭିନ୍ନ ଭିନ୍ନପ୍ରକାରର ନାନା ଭାବକୁ ଭିନ୍ନ ଭିନ୍ନ ବୋଲି ବୁଝେ, ସେହି ଜ୍ଞାନକୁ ତୁମେ ରାଜସ ବୋଲି ଜାଣ ||୧୮-୨୧ ||

Knowledge by which one sees different realities of various types among all beings as separate from one another, consider that knowledge to be Raajasika. (18.21)

ଯତ୍ତୁ କୃତ୍ସ୍ନବଦେକସ୍ମିନ୍ କାର୍ୟେ ସକ୍ତମହୈତୁକମ୍ .

ଅତତ୍ତ୍ୱାର୍ଥବଦଲ୍ପଂ ଚ ତତ୍ତାମସମୁଦାହୃତମ୍ .. ୧୮-୨୨..

ଯେଉଁ ଜ୍ଞାନଦ୍ୱାରା ମନୁଷ୍ୟ ଏକମାତ୍ର କାର୍ଯ୍ୟରୂପ ଶରୀରରେ ହିଁ ସମ୍ପୂର୍ଣ୍ଣରୂପେ ଆସକ୍ତ ହୋଇଯାଏ ଏବଂ ଯାହା ଅଯୌକ୍ତିକ, ତାତ୍ତ୍ୱିକ ଅର୍ଥରୁ ରହିତ ତଥା ତୁଚ୍ଛ, ତାହାକୁ ତାମସ ବୋଲି କୁହାଯାଏ ||୧୮-୨୨||

Knowledge by which one clings to one single effect (such as the body) as if it is everything, and which is irrational, baseless, and worthless; such knowledge is declared to be Taamasika. (18.22)

ନିୟତଂ ସଂଗରହିତମରାଗଦ୍ୱେଷତଃ କୃତମ୍ .

ଅଫଲପ୍ରେପ୍ସୁନା କର୍ମ ଯତ୍ତତ୍ସାତ୍ତ୍ୱିକମୁଚ୍ୟତେ .. ୧୮-୨୩..

ଯେଉଁ କର୍ମ ଶାସ୍ତ୍ରବିଧିଦ୍ୱାରା ନିୟତ ଏବଂ କର୍ତ୍ତାପଣର ଅଭିମାନରୁ ରହିତ ହୋଇ ଫଳ ଇଚ୍ଛା କରୁ ନ ଥିବା ପୁରୁଷଙ୍କ ଦ୍ୱାରା ବିନା ରାଗଦ୍ୱେଷରେ କରାଯାଏ, ତାହାକୁ ସାତ୍ତ୍ୱିକ କର୍ମ କୁହାଯାଏ | ||୧୮-୨୩ ||

Obligatory duty performed without likes, dislikes, and attachment by the one who does not desire fruit is said to be Saattvika. (18.23)

ଯତ୍ତୁ କାମେପ୍ସୁନା କର୍ମ ସାହଂକାରେଣ ବା ପୁନଃ .

କ୍ରିୟତେ ବହୁଲାୟାସଂ ତଦ୍ରାଜସମୁଦାହୃତମ୍ .. ୧୮-୨୪..

ପରନ୍ତୁ ଯେଉଁ କର୍ମ ପରିଶ୍ରମବହୁଳ ହୋଇଥାଏ ତଥା ଭୋଗ ଇଚ୍ଛା କରୁଥିବା ପୁରୁଷଦ୍ୱାରା ବା ଅହଙ୍କାରଯୁକ୍ତ ପୁରୁଷଦ୍ୱାରା କରଯାଏ, ସେହି କର୍ମକୁ ରାଜସକର୍ମ କୁହାଯାଏ ||୧୮-୨୪ ||

Action performed with ego, with selfish motives, and with too much effort; is declared to be Raajasika. (18.24)

ଅନୁବଂଧଂ କ୍ଷୟଂ ହିଂସାମନପେକ୍ଷ୍ୟ (ହିଂସାମନବେକ୍ଷ୍ୟ) ଚ ପୌରୁଷମ୍ .

ମୋହାଦାରଭ୍ୟତେ କର୍ମ ଯତ୍ତାମସମୁଚ୍ୟତେ .. ୧୮-୨୫..

ଯେଉଁ କର୍ମ ପରିଣାମ, କ୍ଷତି, ହିଂସା ଓ ସାମର୍ଥ୍ୟର ବିଚାର ନ କରି କେବଳ ଅଜ୍ଞାନବଶତଃ ଆରମ୍ଭ କରାଯାଏ, ତାହା ତାମସ ବୋଲି କୁହାଯାଏ ||୧୮-୨୫ ||

Action that is undertaken because of delusion; disregarding consequences, loss or injury to others, as well as one's own ability is said to be Taamasika action. (18.25)

ମୁକ୍ତସଂଗୋଽନହଂବାଦୀ ଧୃତ୍ୟୁତ୍ସାହସମନ୍ୱିତଃ .

ସିଦ୍ଧ୍ୟସିଦ୍ଧ୍ୟୋର୍ନିର୍ବିକାରଃ କର୍ତା ସାତ୍ତ୍ୱିକ ଉଚ୍ୟତେ .. ୧୮-୨୬..

ଯେଉଁ କର୍ତ୍ତା ସଙ୍ଗରହିତ, ଯେ ଅହଂକାରଯୁକ୍ତ କଥା କହନ୍ତି ନାହିଁ, ଧୈର୍ଯ୍ୟ ଓ ଉତ୍ସାହଯୁକ୍ତ ଅଟନ୍ତି ତଥା କାର୍ଯ୍ୟର ସିଦ୍ଧି ଓ ଅସିଦ୍ଧିରେ ହର୍ଷଶୋକାଦି ବିକାରରୁ ରହିତ, ସେ ସାତ୍ତ୍ୱିକ କୁହାଯାଆନ୍ତି ||୧୮-୨୬||

The agent who is free from attachment, is non-egotistic, endowed with resolve and enthusiasm, and unperturbed in success or failure is called Saattvika. (18.26)

ରାଗୀ କର୍ମଫଲପ୍ରେପ୍ସୁର୍ଲୁବ୍ଧୋ ହିଂସାତ୍ମକୋଽଶୁଚିଃ .

ହର୍ଷଶୋକାନ୍ୱିତଃ କର୍ତା ରାଜସଃ ପରିକୀର୍ତିତଃ .. ୧୮-୨୭..

ଯେଉଁ କର୍ତ୍ତା ଆସକ୍ତିଯୁକ୍ତ, ଯେ କର୍ମଫଳ ଇଚ୍ଛା କରେ , ଯେ ଲୋଭୀ ତଥା ଅନ୍ୟକୁ କଷ୍ଟ ଦିଏ, ଯେ ଅଶୁଦ୍ଧାଚାରୀ ଓ ହର୍ଷଶୋକରେ ଲିପ୍ତ ରହେ, ତାକୁ ରାଜସ କର୍ତ୍ତା କୁହାଯାଏ ||୧୮-୨୭||

one who is passionate, desires the fruits of work, who is greedy, violent, impure, and is affected by joy and sorrow; such an agent is proclaimed to be Raajasika. (18.27)

ଅଯୁକ୍ତଃ ପ୍ରାକୃତଃ ସ୍ତବ୍ଧଃ ଶଠୋ ନୈଷ୍କୃତିକୋଽଲସଃ .

ବିଷାଦୀ ଦୀର୍ଘସୂତ୍ରୀ ଚ କର୍ତା ତାମସ ଉଚ୍ୟତେ .. ୧୮-୨୮..

ଯେଉଁ କର୍ତ୍ତା ଅଯୁକ୍ତ, ଅଶିକ୍ଷିତ, ଅଭିମାନୀ, ଧୂର୍ତ୍ତ, ପରଜୀବିକାନାଶକାରୀ ତଥା ବିଶାଦଗ୍ରସ୍ତ, ଆଳସ୍ୟପରାୟଣ ଓ ଦୀର୍ଘସୂତ୍ରୀ, ତାକୁ ତାମସ କୁହାଯାଏ | ||୧୮-୨୮ ||

Undisciplined, vulgar, stubborn, wicked, malicious, lazy, depressed, and procrastinating; such an agent is called a Taamasika agent. (18.28)

ବୁଦ୍ଧେର୍ଭେଦଂ ଧୃତେଶ୍ଚୈବ ଗୁଣତସ୍ତ୍ରିବିଧଂ ଶୃଣୁ .

ପ୍ରୋଚ୍ୟମାନମଶେଷେଣ ପୃଥକ୍ତ୍ୱେନ ଧନଂଜୟ .. ୧୮-୨୯..

ହେ ଧନଞ୍ଜୟ! ବୁଦ୍ଧି ଓ ଧୃତି ( ଧାରଣଶକ୍ତି ) ମଧ୍ୟ ଗୁଣ ଅନୁସାରେ ତିନିପ୍ରକାର; ତାହା ମୁଁ ସମ୍ପୂର୍ଣ୍ଣଭାବରେ ବିଭାଗପୂର୍ବକ କହୁଛି; ତୁମେ ଶୁଣ ||୧୮-୨୯ ||

Now hear the threefold division of Buddhi (or intellect) and resolve, based on Gunas, as explained by Me fully and separately, O Arjuna. (18.29)

ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ କାର୍ୟାକାର୍ୟେ ଭୟାଭୟେ .

ବଂଧଂ ମୋକ୍ଷଂ ଚ ୟା ବେତ୍ତି ବୁଦ୍ଧିଃ ସା ପାର୍ଥ ସାତ୍ତ୍ୱିକୀ .. ୧୮-୩୦..

ହେ ପାର୍ଥ! ଯେଉଁ ବୁଦ୍ଧି ପ୍ରବୃତ୍ତିମାର୍ଗ ଓ ନିବୃତ୍ତିମାର୍ଗକୁ, କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟକୁ, ଭୟ ଓ ଅଭୟକୁ ତଥା ବନ୍ଧନ ଓ ମୋକ୍ଷକୁ ଯଥାର୍ଥଭାବରେ ଜାଣେ, ସେହି ବୁଦ୍ଧି ସାତ୍ତ୍ୱିକୀ ||୧୮-୩୦ ||

O Arjuna, the Buddhi by which one understands the path of work and the path of renunciation, right and wrong action, fear and fearlessness, bondage and liberation, that Buddhi is Saattvika. (18.30)

ୟୟା ଧର୍ମମଧର୍ମଂ ଚ କାର୍ୟଂ ଚାକାର୍ୟମେବ ଚ .

ଅୟଥାବତ୍ପ୍ରଜାନାତି ବୁଦ୍ଧିଃ ସା ପାର୍ଥ ରାଜସୀ .. ୧୮-୩୧..

ହେ ପାର୍ଥ! ମନୁଷ୍ୟ ଯେଉଁ ବୁଦ୍ଧିଦ୍ୱାରା ଧର୍ମ ଓ ଅଧର୍ମକୁ ତଥା କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟକୁ ବି ଯଥାର୍ଥଭାବରେ ଜାଣେ ନାହିଁ, ସେହି ବୁଦ୍ଧି ରାଜସୀ ||୧୮-୩୧ ||

The intellect (or Buddhi) by which one incorrectly distinguishes between Dharma and Adharma, and right and wrong action; that intellect is Raajasika, O Arjuna. (18.31)

odia.org

ଅଧର୍ମଂ ଧର୍ମମିତି ୟା ମନ୍ୟତେ ତମସାବୃତା .

ସର୍ବାର୍ଥାନ୍ବିପରୀତାଂଶ୍ଚ ବୁଦ୍ଧିଃ ସା ପାର୍ଥ ତାମସୀ .. ୧୮-୩୨..

ହେ ଅର୍ଜୁନ! ଅଜ୍ଞାନଦ୍ୱାରା ଆବୃତ ହୋଇଥିବା ଯେଉଁ ବୁଦ୍ଧି ଅଧର୍ମକୁ ଧର୍ମ ବୋଲି ମାନିନିଏ ତଥା ଅନ୍ୟ ସକଳ ପଦାର୍ଥକୁ ବି ଏହିପରି ବିପରୀତରୂପେ ଧରିନିଏ, ସେହି ବୁଦ୍ଧି ତାମସୀ ||୧୮-୩୨ ||

O Arjuna, the intellect which, obscured by ignorance, accepts Adharma as Dharma and thinks everything to be which it is not, that is Taamasika intellect. (18.32)

ଧୃତ୍ୟା ୟୟା ଧାରୟତେ ମନଃପ୍ରାଣେଂଦ୍ରିୟକ୍ରିୟାଃ .

ୟୋଗେନାବ୍ୟଭିଚାରିଣ୍ୟା ଧୃତିଃ ସା ପାର୍ଥ ସାତ୍ତ୍ୱିକୀ .. ୧୮-୩୩..

ହେ ପାର୍ଥ! ଯେଉଁ ଅବ୍ୟଭିଚାରିଣୀ ଧୃତିଦ୍ୱାରା ମନୁଷ୍ୟ ଧ୍ୟାନଯୋଗ ସାଧନାରେ ମନ, ପ୍ରାଣ ଓ ଇନ୍ଦ୍ରିୟମାନଙ୍କର କ୍ରିୟାମାନଙ୍କୁ ଧାରଣ କରେ, ସେହି ଧୃତି ସାତ୍ତ୍ୱିକୀ | ||୧୮-୩୩ ||

The unwavering resolve by which one regulates the activities of mind, Prana (or the bioimpulses), and senses through yoga (of meditation); that resolve is Saattvika, O Arjuna. (18.33)

ୟୟା ତୁ ଧର୍ମକାମାର୍ଥାନ୍ଧୃତ୍ୟା ଧାରୟତେଽର୍ଜୁନ .

ପ୍ରସଂଗେନ ଫଲାକାଙ୍କ୍ଷୀ ଧୃତିଃ ସା ପାର୍ଥ ରାଜସୀ .. ୧୮-୩୪..

ପରନ୍ତୁ ହେ ପୃଥାପୁତ୍ର ଅର୍ଜୁନ! ଫଳ ଇଚ୍ଛା କରୁଥିବା ମନୁଷ୍ୟ ଯେଉଁ ଧୃତିଦ୍ୱାରା ଅତ୍ୟନ୍ତ ଆସକ୍ତିର ସହିତ ଧର୍ମ, ଅର୍ଥ ଏବଂ କାମକୁ ଧାରଣ କରେ, ସେହି ଧୃତି ରାଜସୀ | ||୧୮-୩୪ ||

The resolve by which a person, craving for the fruits of work, clings to Dharma or righteous deeds, Artha or accumulation of wealth, and Kaama or enjoyment of sensual pleasures with great attachment; that resolve, O Arjuna, is Raajasika. (18.34)

ୟୟା ସ୍ୱପ୍ନଂ ଭୟଂ ଶୋକଂ ବିଷାଦଂ ମଦମେବ ଚ .

ନ ବିମୁଂଚତି ଦୁର୍ମେଧା ଧୃତିଃ ସା ପାର୍ଥ ତାମସୀ .. ୧୮-୩୫..

ହେ ପାର୍ଥ! ଦୁଷ୍ଟବୁଦ୍ଧି ମନୁଷ୍ୟ ଯେଉଁ ଧୃତିଦ୍ୱାରା ନିଦ୍ରା, ଭୟ, ଚିନ୍ତା ଓ ଦୁଃଖ ତଥା ଉନ୍ମତ୍ତତାକୁ ମଧ୍ୟ ଛାଡେ ନାହିଁ ଅର୍ଥାତ୍ ଧରିରଖେ, ସେହି ଧୃତି ତାମସୀ ||୧୮-୩୫ ||

resolve by which a dull person does not give up sleep, fear, grief, despair, and arrogance; that resolve is Taamasika, O Arjuna. (18.35)

ସୁଖଂ ତ୍ୱିଦାନୀଂ ତ୍ରିବିଧଂ ଶୃଣୁ ମେ ଭରତର୍ଷଭ .
ଅଭ୍ୟାସାଦ୍ରମତେ ଯତ୍ର ଦୁଃଖାଂତଂ ଚ ନିଗଚ୍ଛତି .. ୧୮-୩୬..
ଯତ୍ତଦଗ୍ରେ ବିଷମିବ ପରିଣାମେଽମୃତୋପମମ୍ .
ତତ୍ସୁଖଂ ସାତ୍ତ୍ୱିକଂ ପ୍ରୋକ୍ତମାତ୍ମବୁଦ୍ଧିପ୍ରସାଦଜମ୍ .. ୧୮-୩୭..

ହେ ଭରତଶ୍ରେଷ୍ଠ! ବର୍ତ୍ତମାନ ତିନିପ୍ରକାର ସୁଖକୁ ମଧ୍ୟ ମୋଠାରୁ ଶୁଣ | ସାଧନ ଭଜନ, ଧ୍ୟାନ ଓ ସେବାଦି ଅଭ୍ୟାସ କରିବାଦ୍ୱାରା ଯେଉଁ ସୁଖରେ ରମଣ କରନ୍ତି ଏବଂ ଯାହାଦ୍ୱାରା ସକଳଦୁଃଖ ନାଶ ହୁଏ, ସେହି ଯେଉଁ ସୁଖ ଆରମ୍ଭରେ ଯଦିଓ ବିଷପରି ଲାଗେ, କିନ୍ତୁ ପରିଣାମରେ ଅମୃତତୁଲ୍ୟ ହୋଇଥାଏ, ପରମାତ୍ମବିଷୟକ ବୁଦ୍ଧିର ପ୍ରସାଦରୁ ଉତ୍ପନ୍ନ ହେଉଥିବା ସେହି ସୁଖକୁ ସାତ୍ତ୍ୱିକ ସୁଖ କୁହାଯାଏ ||୧୮-୩୬-୩୭ ||

And now hear from Me, O Arjuna, about the threefold pleasure. The pleasure one enjoys from (spiritual) practice results in cessation of sorrow. (18.36)
This pleasure, appears as poison in the beginning but is like nectar in the end, comes by the grace of Self-knowledge; is good or Saattvika. (18.37)

ବିଷୟେଂଦ୍ରିୟସଂୟୋଗାଦ୍ୟତ୍ତଦଗ୍ରେଽମୃତୋପମମ୍ .
ପରିଣାମେ ବିଷମିବ ତତ୍ସୁଖଂ ରାଜସଂ ସ୍ମୃତମ୍ .. ୧୮-୩୮..

ଯେଉଁ ସୁଖ ବିଷୟ ଓ ଇନ୍ଦ୍ରିୟର ସଂଯୋଗରୁ ହୁଏ, ତାହା ପ୍ରଥମେ-ଭୋଗକାଳରେ ଅମୃତତୁଲ୍ୟ ପ୍ରତୀତହେଲେ ମଧ୍ୟ, ପରିଣାମରେ ବିଷତୁଲ୍ୟ ଅଟେ; ଏଣୁ ସେହି ସୁଖକୁ ରାଜସ କୁହାଯାଏ ||୧୮-୩୮ ||

Sensual pleasures appear as nectars in the beginning, but become poison in the end; such pleasures are called Raajasika pleasures. (See also 5.22) (18.38)

ଯଦଗ୍ରେ ଚାନୁବଂଧେ ଚ ସୁଖଂ ମୋହନମାତ୍ମନଃ .
ନିଦ୍ରାଲସ୍ୟପ୍ରମାଦୋତ୍ଥଂ ତତ୍ତାମସମୁଦାହୃତମ୍ .. ୧୮-୩୯..

ଯେଉଁ ସୁଖ ଭୋଗକାଳରେ ତଥା ପରିଣାମରେ ମଧ୍ୟ ଆତ୍ମାର ମୋହକାରକ ଅଟେ, ନିଦ୍ରା, ଆଳସ୍ୟ ଓ ପ୍ରମାଦରୁ ଉତ୍ପନ୍ନ ସେହି ସୁଖକୁ ତାମସ ବୋଲି କୁହାଯାଏ ||୧୮-୩୯ ||

Pleasure that deludes a person in the beginning and in the end; which comes from sleep, laziness, and confusion; such pleasure is called Taamasika (pleasure). (18.39)

ନ ତଦସ୍ତି ପୃଥିବ୍ୟାଂ ବା ଦିବି ଦେବେଷୁ ବା ପୁନଃ .

ସତ୍ତ୍ୱଂ ପ୍ରକୃତିଜୈର୍ମୁକ୍ତଂ ୟଦେଭିଃ ସ୍ୟାତ୍ତ୍ରିଭିର୍ଗୁଣୈଃ .. ୧୮-୪୦..

ପୃଥିବୀରେ ବା ଆକାଶରେ ଅଥବା ଦେବତାମାନଙ୍କ ଠାରେ ତଥା ଏମାନଙ୍କ ବ୍ୟତୀତ ଅନ୍ୟ କେଉଁଠାରେ ବି ଏପରି କୌଣସି ବି ପ୍ରାଣୀ କିମ୍ବା ପଦାର୍ଥ ନାହିଁ, ଯାହା କି ପ୍ରକୃତିରୁ ଉତ୍ପନ୍ନ ଏହି ତିନିଗୁଣରୁ ମୁକ୍ତ ହୋଇଥାଏ ||୧୮-୪୦ ||

There is no being, either on the earth or in the heaven or among the Devas, who is free from these three Gunas of Prakriti, the material nature. (18.40)

ବ୍ରାହ୍ମଣକ୍ଷତ୍ରିୟବିଶାଂ ଶୂଦ୍ରାଣାଂ ଚ ପରଂତପ .

କର୍ମାଣି ପ୍ରବିଭକ୍ତାନି ସ୍ୱଭାବପ୍ରଭବୈର୍ଗୁଣୈଃ .. ୧୮-୪୧..

ହେ ପରନ୍ତପ! ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନଙ୍କର ତଥା ଶୂଦ୍ରମାନଙ୍କର କର୍ମଗୁଡିକ ସ୍ୱଭବାରୁ ଉତ୍ପନ୍ନ ଗୁଣମାନଙ୍କ ଦ୍ୱାରା ବିଭକ୍ତ କରାଯାଇଛି ||୧୮-୪୧ ||

The division  of labor into the four cate-goies -- Braahmana, Kshatriya, Vaishya, and Shudra -- is also based on the Gunas inherent in peoples' nature (or the natural propensities, and not necessarily as one's birth right), O Arjuna. (See also 4.13) (18.41)

ଶମୋ ଦମସ୍ତପଃ ଶୌଚଂ କ୍ଷାଂତିରାର୍ଜବମେବ ଚ .

ଜ୍ଞାନଂ ବିଜ୍ଞାନମାସ୍ତିକ୍ୟଂ ବ୍ରହ୍ମକର୍ମ ସ୍ୱଭାବଜମ୍ .. ୧୮-୪୨..

ଅନ୍ତଃକରଣକୁ ନିଗ୍ରହ କରିବା, ଇନ୍ଦ୍ରିୟମାନଙ୍କୁ ଦମନ କରିବା, ଧର୍ମପାଳନପାଇଁ କଷ୍ଟ ସହିବା, ବାହାରେ ଓ ଭିତରେ ଶୁଦ୍ଧ ରହିବା, ଅନ୍ୟର ଅପରାଧ କ୍ଷମା କରିବା, ମନ, ଇନ୍ଦ୍ରିୟ ଓ ଶରୀରକୁ ସରଳ ରଖିବା, ବେଦ, ଶାସ୍ତ୍ର, ଈଶ୍ୱର ଓ ପରଲୋକ ଆଦିରେ ଶ୍ରଦ୍ଧା ରଖିବା, ବେଦାଦିଶାସ୍ତ୍ରମାନଙ୍କର ଅଧ୍ୟୟନ-ଅଧ୍ୟାପନ କରିବା ଏବଂ ପରମାତ୍ମାତତ୍ତ୍ୱକୁ ଅନୁଭବ କରିବା- ଏସବୁ ହେଉଛି ବ୍ରାହ୍ମଣମାନଙ୍କର ସ୍ୱାଭାବିକ କର୍ମ ||୧୮-୪୨ ||

Those who have serenity, self control, austerity, purity, patience, honesty, knowledge, Self-realization, and belief in God are labeled as Braahmanas, the intellectuals. (18.42)

ଶୌର୍ୟଂ ତେଜୋ ଧୃତିର୍ଦାକ୍ଷ୍ୟଂ ୟୁଦ୍ଧେ ଚାପ୍ୟପଲାୟନମ୍ .

ଦାନମୀଶ୍ୱରଭାବଶ୍ଚ କ୍ଷାତ୍ରଂ କର୍ମ ସ୍ୱଭାବଜମ୍ .. ୧୮-୪୩..

ଶୂରବୀରତା, ତେଜ, ଧୈର୍ଯ୍ୟ, ଦକ୍ଷତା ଏବଂ ଯୁଦ୍ଧରୁ ପଳାଇ ନ ଯିବା, ଦାନ ଦେବା ଏବଂ ସ୍ୱାମିତ୍ୱ--ଏସବୁ ହେଉଛି କ୍ଷତ୍ରିୟମାନଙ୍କର ସ୍ୱାଭାବିକ କର୍ମ ||୧୮-୪୩ ||

Those having the qualities of heroism, vigor, firmness, dexterity, not fleeing from battle, charity, and administrative skills are called Kshatriyas, the protectors. (18.43)

**କୃଷିଗୌରକ୍ଷ୍ୟବାଣିଜ୍ୟଂ ବୈଶ୍ୟକର୍ମ ସ୍ୱଭାବଜମ୍ .**

**ପରିଚର୍ୟାତ୍ମକଂ କର୍ମ ଶୂଦ୍ରସ୍ୟାପି ସ୍ୱଭାବଜମ୍ .. ୧୮-୪୪..**

କୃଷି, ଗୋପାଳନ ଏବଂ କ୍ରୟ-ବିକ୍ରୟରୂପ ସତ୍ୟବ୍ୟବହାର ହେଉଛି ବୈଶ୍ୟଙ୍କର ସ୍ୱାଭାବିକ କର୍ମ ତଥା ସବୁ ବର୍ଣ୍ଣର ସେବା କରିବା ହେଉଛି ଶୂଦ୍ରମାନଙ୍କର ସ୍ୱାଭାବିକ କର୍ମ ||୧୮-୪୪ ||

Those who are good in cultivation, cattle rearing, business, trade, and industry are known as Vaishyas. Those who do service and labor type work are classed as Shudras. (18.44)

**ସ୍ୱେ ସ୍ୱେ କର୍ମଣ୍ୟଭିରତଃ ସଂସିଦ୍ଧିଂ ଲଭତେ ନରଃ .**

**ସ୍ୱକର୍ମନିରତଃ ସିଦ୍ଧିଂ ଯଥା ବିଂଦତି ତଚ୍ଛୃଣୁ .. ୧୮-୪୫..**

ନିଜ-ନିଜର ସ୍ୱାଭାବିକ କର୍ମରେ ତତ୍ପରତାର ସହିତ ଲାଗିରହିଥିବା ମନୁଷ୍ୟ ଭଗବତ୍ପ୍ରାପ୍ତିରୂପକ ପରମସିଦ୍ଧି ପାଇଯାଏ |ନିଜର ସ୍ୱାଭାବିକ କର୍ମରେ ଲାଗିରହିଥିବା ମନୁଷ୍ୟ କର୍ମ କରି କିପରି ପରମ ସିଦ୍ଧି ପାଇଯାଏ, ତାହା ତୁମେ ଶୁଣ ||୧୮-୪୫ ||

One attains the highest perfection by devotion to one's natural work. Listen to Me how one attains perfection while engaged in natural work. (18.45)

**ଯତଃ ପ୍ରବୃତ୍ତିର୍ଭୂତାନାଂ ଯେନ ସର୍ବମିଦଂ ତତମ୍ .**

**ସ୍ୱକର୍ମଣା ତମଭ୍ୟର୍ଚ୍ୟ ସିଦ୍ଧିଂ ବିଂଦତି ମାନବଃ .. ୧୮-୪୬..**

ଯେଉଁ ପରମେଶ୍ୱରଙ୍କ ଠାରୁ ସମସ୍ତ ପ୍ରାଣୀ ଉତ୍ପନ୍ନ ହୋଇଛନ୍ତି ଏବଂ ଯାହାଙ୍କ ଦ୍ୱାରା ଏହି ସମସ୍ତ ଜଗତ ପରିବ୍ୟାପ୍ତ ହୋଇଛି, ସେହି ପରମେଶ୍ୱରଙ୍କୁ ନିଜର ସ୍ୱାଭାବିକ କର୍ମମାନଙ୍କ ଦ୍ୱାରା ପୂଜା କରି ମନୁଷ୍ୟ ପରମସିଦ୍ଧି ପାଇଥାଏ ||୧୮-୪୬ ||

He from whom all beings originate, and by whom all this universe is pervaded; worshipping Him by performing one's natural duty for Him one attains perfection. (See also 9.27, 12.10) (18.46)

**ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ସ୍ୱନୁଷ୍ଠିତାତ୍ .**

**ସ୍ୱଭାବନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଷମ୍ .. ୧୮-୪୭..**

ଭଲଭାବରେ ଆଚରଣ କରାଯାଇଥିବା ପରଧର୍ମଠାରୁ ନିଜର ଧର୍ମ ଗୁଣରହିତ ହେଲେ ମଧ୍ୟ ଶ୍ରେଷ୍ଠ ଅଟେ; କାରଣ ସ୍ୱଭାବଦ୍ୱାରା ନିୟତ କରାଯାଇଥିବା ସ୍ୱଧର୍ମରୂପକ କର୍ମ ଆଚରଣ କରୁଥିବା ମନୁଷ୍ୟ ପାପଭାଗୀ ହୁଏ ନାହିଁ ||୧୮-୪୭ ||

One's inferior natural work is better than superior unnatural work. One who does the work ordained by one's inherent nature (without selfish motives) incurs no sin (or Karmic reaction). (See also 3.35) (18.47)

## ସହଜଂ କର୍ମ କୌଂତେୟ ସଦୋଷମପି ନ ତ୍ୟଜେତ୍ .
## ସର୍ବାରଂଭା ହି ଦୋଷେଣ ଧୂମେନାଗ୍ନିରିବାବୃତାଃ .. ୧୮-୪୮..

ଅତଏବ ହେ କୁନ୍ତୀପୁତ୍ର! ଦୋଷଯୁକ୍ତ ହେଲେ ମଧ ସ୍ୱାଭାବିକ କର୍ମ ତ୍ୟାଗ କରିବା ଉଚିତ ନୁହେଁ; କାରଣ ଅଗ୍ନି ଯେପରି ଧୂଆଁଦ୍ୱାରା ଆବୃତ ହୋଇଥାଏ, ସମସ୍ତ କର୍ମ ସେହିପରି କୌଣସି ନା କୌଣସି ଦୋଷରେ ଯୁକ୍ତ ହୋଇଥାଏ | ||୧୮-୪୮ ||

One's natural work, even though defective, should not be abandoned; because all undertakings are enveloped by defects as fire is covered by smoke, O Arjuna. (18.48)

## ଅସକ୍ତବୁଦ୍ଧିଃ ସର୍ବତ୍ର ଜିତାତ୍ମା ବିଗତସ୍ପୃହଃ .
## ନୈଷ୍କର୍ମ୍ୟସିଦ୍ଧିଂ ପରମାଂ ସଂନ୍ୟାସେନାଧିଗଚ୍ଛତି .. ୧୮-୪୯..

ସର୍ବତ୍ର ଆସକ୍ତିରହିତ-ବୁଦ୍ଧିସମ୍ପନ୍ନ ତଥା ନିଃସ୍ପୃହ ହୋଇ ଅନ୍ତଃକରଣକୁ ଜୟ କରିଥିବା ପୁରୁଷ ସାଂଖ୍ୟଯୋଗଦ୍ୱାରା ସେହି ପରମ ନୈଷ୍କର୍ମ୍ୟସିଦ୍ଧି ପ୍ରାପ୍ତ ହୁଅନ୍ତି ||୧୮-୪୯||

The person whose mind is always free from attachment, who has subdued the mind and senses, and who is free from desires, attains the supreme perfection of freedom from (the bondage of) Karma through renunciation. (18.49)

## ସିଦ୍ଧିଂ ପ୍ରାପ୍ତୋ ଯଥା ବ୍ରହ୍ମ ତଥାପ୍ନୋତି ନିବୋଧ ମେ .
## ସମାସେନୈବ କୌଂତେୟ ନିଷ୍ଠା ଜ୍ଞାନସ୍ୟ ଯା ପରା .. ୧୮-୫୦..

ଯାହା ଜ୍ଞାନଯୋଗର ପରାନିଷ୍ଠା ଅଟେ, ସେହି ନୈଷ୍କର୍ମ୍ୟସିଦ୍ଧିକୁ ଯେଉଁ ପ୍ରଣାଳୀରେ ଲାଭ କରି ମନୁଷ୍ୟ ବ୍ରହ୍ମପ୍ରାପ୍ତ ହୁଏ, ହେ କୁନ୍ତୀପୁତ୍ର! ସେହି ପ୍ରଣାଳୀ ତୁମେ ମୋଠାରୁ ସଂକ୍ଷେପରେ ବୁଝିନିଅ ||୧୮-୫୦||

Learn from Me briefly, O Arjuna, how one who has attained such perfection realizes Brahman, the supreme state of knowledge. (18.50)

ବୁଦ୍ଧ୍ୟା ବିଶୁଦ୍ଧୟା ଯୁକ୍ତୋ ଧୃତ୍ୟାତ୍ମାନଂ ନିୟମ୍ୟ ଚ .

ଶବ୍ଦାଦୀନ୍ ବିଷୟାଂସ୍ତ୍ୟକ୍ତ୍ୱା ରାଗଦ୍ୱେଷୌ ବ୍ୟୁଦସ୍ୟ ଚ .. ୧୮-୫୧..

ବିବିକ୍ତସେବୀ ଲଘ୍ୱାଶୀ ଯତବାକ୍କାୟମାନସଃ .

ଧ୍ୟାନଯୋଗପରୋ ନିତ୍ୟଂ ବୈରାଗ୍ୟଂ ସମୁପାଶ୍ରିତଃ .. ୧୮-୫୨..

ଅହଂକାରଂ ବଲଂ ଦର୍ପଂ କାମଂ କ୍ରୋଧଂ ପରିଗ୍ରହମ୍ .

ବିମୁଚ୍ୟ ନିର୍ମମଃ ଶାଂତୋ ବ୍ରହ୍ମଭୂୟାୟ କଲ୍ପତେ .. ୧୮-୫୩..

ବିଶୁଦ୍ଧବୁଦ୍ଧିରେ ଯୁକ୍ତ ହୋଇଥିବା, ସରଳ-ସ୍ୱାତ୍ତ୍ୱିକ-ନିୟମିତ ଆହାର କରୁଥିବା, ଶବ୍ଦାଦି ବିଷୟ ତ୍ୟାଗ କରି ଏକାନ୍ତ ଓ ପବିତ୍ର ସ୍ଥାନରେ ନିବାସ କରୁଥିବା, ସାତ୍ତ୍ୱିକ ଧାରଣଶକ୍ତିଦ୍ୱାରା ଅନ୍ତଃକରଣ ଓ ଇନ୍ଦ୍ରିୟମାନଙ୍କୁ ସଂଯମ କରି ମନ, ବାଣୀ ଏବଂ ଶରୀରକୁ ବଶରେ ରଖିଥିବା, ରାଗଦ୍ୱେଷକୁ ସର୍ବଥା ନଷ୍ଟ କରି ଦୃଢ ବୈରାଗ୍ୟର ଆଶ୍ରୟ ନେଇଥିବା ତଥା ଅହଂକାର, ବଳ, ଗର୍ବ, କାମ, କ୍ରୋଧ ଓ ପରିଗ୍ରହ ତ୍ୟାଗ କରି ନିରନ୍ତର ଧ୍ୟାନଯୋଗରେ ପରାୟଣ ହୋଇ ରହୁଥିବା ମମତ୍ୱରହିତ ଓ ପ୍ରଶାନ୍ତଚିତ୍ତ ପୁରୁଷ ସଚ୍ଚିଦାନନ୍ଦଘନ ବ୍ରହ୍ମରେ ଅଭିନ୍ନଭାବରେ ଅବସ୍ଥିତ  ହେବାର ପାତ୍ର ହୁଅନ୍ତି ||୧୮-୫୧-୫୨-୫୩||

Endowed with purified intellect, subduing the mind with resolve, turning away from sound and other objects of the senses, giving up likes and dislikes; and (18.51)

Living in solitude, eating lightly, controlling the thought, word, and deed; ever absorbed in yoga of meditation, and taking refuge in detachment; and (18.52)

Relinquishing egotism, violence, pride, lust, anger, and desire for possession; free from the notion of ``my'', and peaceful; one becomes fit for attaining oneness with Brahman. (18.53)

ବ୍ରହ୍ମଭୂତଃ ପ୍ରସନ୍ନାତ୍ମା ନ ଶୋଚତି ନ କାଙ୍କ୍ଷତି .

ସମଃ ସର୍ବେଷୁ ଭୂତେଷୁ ମଦ୍ଭକ୍ତିଂ ଲଭତେ ପରାମ୍ .. ୧୮-୫୪..

ପୁଣି ସେହି ସଚ୍ଚିଦାନନ୍ଦଘନ ବ୍ରହ୍ମରେ ଏକୀଭାବରେ ସ୍ଥିତ ପ୍ରସନ୍ନଚିତ୍ତ ଯୋଗୀ  କାହାରି ପାଇଁ ଶୋକ  କରନ୍ତି ନାହିଁ, କି କିଛି ବି ଆକାଙ୍କ୍ଷା କରନ୍ତି ନାହିଁ | ସମସ୍ତ ପ୍ରାଣୀଙ୍କ ଠାରେ ସମଭାବସମ୍ପନ୍ନ ସେହି ଯୋଗୀ ମୋର ପରାଭକ୍ତି ଲାଭ କରନ୍ତି | ||୧୮-୫୪ ||

Absorbed in Brahman, the serene one neither grieves nor desires; becoming impartial to all beings, one obtains My supreme devotion. (18.54)

**ଭକ୍ତ୍ୟା ମାମଭିଜାନାତି ଯାବାନ୍ୟଶ୍ଚାସ୍ମି ତତ୍ତ୍ୱତଃ .**

**ତତୋ ମାଂ ତତ୍ତ୍ୱତୋ ଜ୍ଞାତ୍ୱା ବିଶତେ ତଦନଂତରମ୍ .. ୧୮-୫୫..**

ସେହି ପରାଭକ୍ତିଦ୍ୱାରା ସେ ମୋତେ ଅର୍ଥାତ୍ ପରମାତ୍ମାଙ୍କୁ ମୁଁ କ'ଣ ଓ କିପରି ପ୍ରଭାବବିଶିଷ୍ଟ, ତାହା ଠିକ୍ ସେହିପରି ତତ୍ତ୍ୱତଃ ଜାଣିପାରନ୍ତି ଏବଂ ସେହି ଭକ୍ତିଦ୍ୱାରା ମୋତେ ତତ୍ତ୍ୱତଃ ଜାଣି ସେହିକ୍ଷଣି ମୋ ଭିତରେ ପ୍ରବିଷ୍ଟ ହୋଇଯାଆନ୍ତି ଅର୍ଥାତ୍ ମୋସହିତ ଏକ ହୋଇଯାଆନ୍ତି ||୧୮-୫୫ ||

By devotion one truly understand what and who I am in essence. Having known Me in essence, one immediately merges into Me. (See also 5.19) (18.55)

**ସର୍ବକର୍ମାଣ୍ୟପି ସଦା କୁର୍ବାଣୋ ମଦ୍ବ୍ୟପାଶ୍ରୟଃ .**

**ମତ୍ପ୍ରସାଦାଦବାପ୍ନୋତି ଶାଶ୍ୱତଂ ପଦମବ୍ୟୟମ୍ .. ୧୮-୫୬..**

ମୋର ପରାୟଣ ହୋଇଥିବା କର୍ମଯୋଗୀ ତ ସଦାସର୍ବଦା ସକଳ କର୍ମ କରୁଥିଲେ ମଧ୍ୟ ମୋ କୃପାରୁ ସନାତନ ଅବିନାଶୀ ପରମପଦ ପ୍ରାପ୍ତ ହୋଇଯାଆନ୍ତି ||୧୮-୫୬||

One attains the eternal imperishable abode by My grace, even while doing all duties, just by taking refuge in Me. (18.56)

**ଚେତସା ସର୍ବକର୍ମାଣି ମୟି ସଂନ୍ୟସ୍ୟ ମତ୍ପରଃ .**

**ବୁଦ୍ଧିୟୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ .. ୧୮-୫୭..**

ମନଦ୍ୱାରା ମୋଠାରେ ସମସ୍ତ କର୍ମ ଅର୍ପଣ କରିଦେଇ ତଥା ସମବୁଦ୍ଧିରୂପ ଯୋଗ ଅବଲମ୍ବନ କରି ମୋର ପରାୟଣ ହୁଅ ଏବଂ ନିରନ୍ତର ମୋଠାରେ ଯୁକ୍ତଚିତ୍ତ ହୋଇଯାଅ ||୧୮-୫୭||

Mentally offering all actions to Me, be devoted to Me. Resorting to equanimity, always fix your mind on Me. (18.57)

**ମଚ୍ଚିତ୍ତଃ ସର୍ବଦୁର୍ଗାଣି ମତ୍ପ୍ରସାଦାତ୍ତରିଷ୍ୟସି .**

**ଅଥ ଚେତ୍ତ୍ୱମହଂକାରାନ୍ନ ଶ୍ରୋଷ୍ୟସି ବିନଙ୍କ୍ଷ୍ୟସି .. ୧୮-୫୮..**

ଉପରୋକ୍ତପ୍ରକାରେ ମୋଠାରେ ଯୁକ୍ତଚିତ୍ତ ହୋଇ ତୁମେ ମୋରି କୃପାରୁ ଅନାୟାସରେ ସମସ୍ତ ସଙ୍କଟ ପାର ହୋଇଯିବ ଏବଂ ଯଦି ଅହଂକାରହେତୁ ମୋ କଥା ଶୁଣିବ ନାହିଁ, ତେବେ ନଷ୍ଟ ହୋଇଯିବ ଅର୍ଥାତ୍ ପରମାର୍ଥରୁ ଭ୍ରଷ୍ଟ ହୋଇଯିବ ||୧୮-୫୮ ||

When your mind becomes fixed on Me, you shall overcome all difficulties by My grace. But, if you do not listen to Me due to ego, you shall perish. (18.58)

## ଯଦହଂକାରମାଶ୍ରିତ୍ୟ ନ ଯୋତ୍ସ୍ୟ ଇତି ମନ୍ୟସେ .

## ମିଥ୍ୟୈଷ ବ୍ୟବସାୟସ୍ତେ ପ୍ରକୃତିସ୍ତ୍ୱାଂ ନିୟୋକ୍ଷ୍ୟତି .. ୧୮-୫୯..

ତୁମେ ଯେଉଁ ଅହଙ୍କାରକୁ ଆଶ୍ରୟ କରି 'ମୁଁ ଯୁଦ୍ଧ କରିବି ନାହିଁ', ବୋଲି ଧରି ବସିଛ; ତୁମର ସେହି ନିଶ୍ଚୟ ମିଥ୍ୟା; କାରଣ, ତୁମର ପ୍ରକୃତି ତୁମକୁ ବଳପୂର୍ବକ ଯୁଦ୍ଧରେ ଲଗାଇଦେବ ||୧୮-୫୯ ||

If due to ego you think: I shall not fight; this resolve of yours is vain. Your own nature will compel you (to fight). (18.59)

## ସ୍ୱଭାବଜେନ କୌଂତେୟ ନିବଦ୍ଧଃ ସ୍ୱେନ କର୍ମଣା .

## କର୍ତୁଂ ନେଚ୍ଛସି ଯନ୍ମୋହାତ୍କରିଷ୍ୟସ୍ୟବଶୋପି ତତ୍ .. ୧୮-୬୦..

ହେ କୁନ୍ତିପୁତ୍ର! ତୁମେ ମୋହହେତୁ ଯେଉଁ କର୍ମ କରିବାକୁ ଇଚ୍ଛା କରୁନାହଁ, ତାହା ମଧ୍ୟ ନିଜର ପୂର୍ବକୃତ ସ୍ୱାଭାବିକ କର୍ମଦ୍ୱାରା ବାନ୍ଧିହୋଇ, ପରବଶ ହୋଇ କରିବ ||୧୮-୬୦ ||

What you do not wish to do out of delusion; you shall do even that against your will, bound by your own nature-born Karma, O Arjuna. (18.60)

## ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି .

## ଭ୍ରାମୟନ୍ ସର୍ବଭୂତାନି ଯଂତ୍ରାରୂଢାନି ମାୟୟା .. ୧୮-୬୧..

ହେ ଅର୍ଜୁନ! ଶରୀରରୂପକ ଯନ୍ତ୍ରରେ ଆରୂଢ ହୋଇଥିବା ସମସ୍ତ ପ୍ରାଣୀଙ୍କୁ ନିଜର ମାୟାଦ୍ୱାରା ସେମାନଙ୍କର କର୍ମାନୁସାରେ ଚାଳିତ କରାଇ ଅନ୍ତର୍ଯାମୀ ପରମେଶ୍ୱର ସମସ୍ତ ପ୍ରାଣୀଙ୍କ ହୃଦୟରେ ନିବାସ କରନ୍ତି ||୧୮-୬୧ ||

The Lord abides in the heart of all beings, O Arjuna, causing all beings to act (or work out their Karma) by His power of Maya as if they are (puppets of Karma) mounted on a machine. (18.61)

## ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ .

## ତତ୍ପ୍ରସାଦାତ୍ପରାଂ ଶାଂତିଂ ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍ .. ୧୮-୬୨..

ହେ ଭାରତ! ତୁମେ ସର୍ବତୋଭାବେ ସେହି ପରମେଶ୍ୱରଙ୍କୁ ହିଁ ଶରଣ ଯାଅ | ସେହି ପରମାତ୍ମାଙ୍କ କୃପାରୁ ତୁମେ ପରମ ଶାନ୍ତି ତଥା ସନାତନ ପରମଧାମ ପ୍ରାପ୍ତ ହେବ ||୧୮-୬୨ ||

Seek refuge in Him alone with all your heart, O Arjuna. By His grace you shall attain supreme peace and the eternal abode. (18.62)

ଇତି ତେ ଜ୍ଞାନମାଖ୍ୟାତଂ ଗୁହ୍ୟାଦ୍ଗୁହ୍ୟତରଂ ମୟା .

ବିମୃଶ୍ୟୈତଦଶେଷେଣ ଯଥେଚ୍ଛସି ତଥା କୁରୁ .. ୧୮-୬୩..

ଏପରିଭାବରେ ଗୋପନୀୟଠାରୁ ମଧ୍ୟ ଅତି ଗୋପନୀୟ ଏହି ଜ୍ଞାନ ମୁଁ ତୁମକୁ କହିଦେଲି | ବର୍ତ୍ତମାନ ତୁମେ ଏହି ରହସ୍ୟଯୁକ୍ତ ଜ୍ଞାନକୁ ପୂର୍ଣ୍ଣରୂପେ ଭଲଭାବରେ ବିଚାର କରି, ଯେପରି ଇଚ୍ଛା କରୁଛ, ସେପରି କର ||୧୮-୬୩ ||

Thus the knowledge that is more secret than the secret has been explained to you by Me. After fully reflecting on this, do as you wish. (18.63)

ସର୍ବଗୁହ୍ୟତମଂ ଭୂୟଃ ଶୃଣୁ ମେ ପରମଂ ବଚଃ .

ଇଷ୍ଟୋଽସି ମେ ଦୃଢମିତି ତତୋ ବକ୍ଷ୍ୟାମି ତେ ହିତମ୍ .. ୧୮-୬୪..

ସକଳଗୋପନୀୟଠାରୁ ଅଧିକ ଗୋପନୀୟ ମୋର ପରମ ରହସ୍ୟଯୁକ୍ତ ବଚନ ତୁମେ ପୁଣି ଥରେ ଶୁଣ | ତୁମେ ମୋର ଅତିଶୟ ପ୍ରିୟ; ତେଣୁ ମୁଁ ତୁମକୁ ଏହି ପରମ ହିତକର ବଚନ ପୁନର୍ବାର କହିବି ||୧୮-୬୪ ||

Hear again My supreme word, the most secret of all. You are very dear to Me, therefore, I shall tell this for your benefit. (18.64)

ମନ୍ମନା ଭବ ମଦ୍ଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ .

ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋଽସି ମେ .. ୧୮-୬୫..

ହେ ଅର୍ଜୁନ! ତୁମେ ମୋଠାରେ ମନ ଲଗାଅ; ମୋର ଭକ୍ତ ହୋଇଯାଅ; ମୋର ପୂଜକ ହୋଇଯାଅ; ମୋତେ ପ୍ରଣାମ କର | ଏପରି କଲେ ତୁମେ ମୋତେ ହିଁ ପ୍ରାପ୍ତ ହେବ; ଏହା ମୁଁ ତୁମକୁ ସତ୍ୟ ପ୍ରତିଜ୍ଞା କରି କହୁଛି; କାରଣ ତୁମେ ମୋର ଅତ୍ୟନ୍ତ ପ୍ରିୟ ||୧୮-୬୫ ||

Fix your mind on Me, be devoted to Me, offer service to Me, bow down to Me, and you shall certainly reach Me. I promise you because you are very dear to Me. (18.65)

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ .

ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ .. ୧୮-୬୬..

ସମସ୍ତ ଧର୍ମମାନଙ୍କୁ ଅର୍ଥାତ୍ ସମସ୍ତ କର୍ତ୍ତବ୍ୟକର୍ମମାନଙ୍କୁ ମୋଠାରେ  ତ୍ୟାଗ କରିଦେଇ ତୁମେ ଏକମାତ୍ର ମୋର ଅର୍ଥାତ୍ ସର୍ବଶକ୍ତିମାନ୍ ସର୍ବାଧାର ପରମେଶ୍ୱରଙ୍କର ଶରଣକୁ ଆସିଯାଅ | ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି; ତୁମେ ଶୋକ କର ନାହିଁ ||୧୮-୬୬||

Setting aside all noble deeds, just surrender completely to the will of God (with firm faith and loving contemplation). I shall liberate you from all sins (or bonds of Karma). Do not grieve. (18.66)

ଇଦଂ ତେ ନାତପସ୍କାୟ ନାଭକ୍ତାୟ କଦାଚନ .

ନ ଚାଶୁଶ୍ରୂଷବେ ବାଚ୍ୟଂ ନ ଚ ମାଂ ୟୋଽଭ୍ୟସୂୟତି .. ୧୮-୬୭..

ଏହି ଗୀତାରୂପକ ରହସ୍ୟମୟ ଉପଦେଶ କୌଣସି କାଳରେ ବି ତପସ୍ୟାବିହୀନ ମନୁଷ୍ୟକୁ କହିବା ଉଚିତ ନୁହେଁ; ଭକ୍ତିରହିତ ମନୁଷ୍ୟକୁ ଏବଂ ଶୁଣିବାକୁ ଅନିଚ୍ଛୁକ ମନୁଷ୍ୟକୁ ମଧ୍ଯ କହିବା ଉଚିତ ନୁହେଁ | ଯେ ମୋଠାରେ ଦୋଷଦୃଷ୍ଟି ରଖେ, ତାକୁ ତ କଦାପି କହିବା ଉଚିତ ନୁହେଁ | ||୧୮-୬୭ ||

This (knowledge) should never be spoken by you to one who is devoid of austerity, who is without devotion, who does not desire to listen, or who speaks ill of Me. (18.67)

ୟ ଇଦଂ ପରମଂ ଗୁହ୍ୟଂ ମଦ୍ଭକ୍ତେଷ୍ୱଭିଧାସ୍ୟତି .

ଭକ୍ତିଂ ମୟି ପରାଂ କୃତ୍ୱା ମାମେବୈଷ୍ୟତ୍ୟସଂଶୟଃ .. ୧୮-୬୮..

ଯେଉଁ ପୁରୁଷ ମୋଠାରେ ପରମପ୍ରେମ କରି ଏହି ପରମ ରହସ୍ୟଯୁକ୍ତ ଗୀତୋପଦେଶ ମୋର ଭକ୍ତମାନଙ୍କ ମଧ୍ୟରେ କହିବେ, ସେ ମୋତେ ହିଁ ପ୍ରାପ୍ତ ହେବେ; ଏଥିରେ କୌଣସି ସନ୍ଦେହ ନାହିଁ ||୧୮-୬୮ ||

The one who shall propagate this supreme secret philosophy (or the transcendental knowledge of the Gita) amongst My devotees, shall be performing the highest devotional service to Me and shall certainly attain (or come to) Me. (18.68)

ନ ଚ ତସ୍ମାନ୍ମନୁଷ୍ୟେଷୁ କଶ୍ଚିନ୍ମେ ପ୍ରିୟକୃତ୍ତମଃ .

ଭବିତା ନ ଚ ମେ ତସ୍ମାଦନ୍ୟଃ ପ୍ରିୟତରୋ ଭୁବି .. ୧୮-୬୯..

ତାଙ୍କ ଠାରୁ ବଡ ହୋଇ ପ୍ରିୟକାର୍ଯ୍ୟ କରୁଥିବା ବ୍ୟକ୍ତି ମନୁଷ୍ୟମାନଙ୍କ ମଧ୍ୟରେ ଆଉ କେହି ନାହିଁ; ତଥା ସମଗ୍ର ପୃଥିବୀରେ ତାଙ୍କ ଠାରୁ ବଳି ମୋର ଅନ୍ୟ କେହି ପ୍ରିୟ ବ୍ୟକ୍ତି ଭବିଷ୍ୟତରେ ମଧ୍ୟ ହେବ ନାହିଁ ||୧୮-୬୯ ||

No other person shall do a more pleasing service to Me, and no one on the earth shall be more dear to Me. (18.69)

ଅଧ୍ୟେଷ୍ୟତେ ଚ ୟ ଇମଂ ଧର୍ମ୍ୟଂ ସଂବାଦମାବୟୋଃ .

ଜ୍ଞାନୟଜ୍ଞେନ ତେନାହମିଷ୍ଟଃ ସ୍ୟାମିତି ମେ ମତିଃ .. ୧୮-୭୦..

ଯେଉଁ ପୁରୁଷ ଆମ ଦୁହିଁଙ୍କର ଏହି ଧର୍ମମୟ ସଂବାଦରୂପକ ଗୀତାଶାସ୍ତ୍ର ଅଧ୍ୟୟନ କରିବେ, ତାଙ୍କ ଦ୍ୱାରା ମଧ୍ୟ ମୁଁ ଜ୍ଞାନଯଜ୍ଞରେ ପୂଜିତ ହେବି; ଏହା ମୋର ମତ ||୧୮-୭୦ ||

I shall be worshipped with Jnana-Yajna (or knowledge sacrifice) by those who shall study this sacred dialogue of ours. This is My promise. (18.70)

ଶ୍ରଦ୍ଧାବାନନସୂୟଶ୍ଚ ଶୃଣୁୟାଦପି ୟୋ ନରଃ .

ସୋଽପି ମୁକ୍ତଃ ଶୁଭାଁଲ୍ଲୋକାନ୍ ପ୍ରାପ୍ନୁୟାତ୍ପୁଣ୍ୟକର୍ମଣାମ୍ .. ୧୮-୭୧..

ଯେଉଁ ମନୁଷ୍ୟ ଶ୍ରଦ୍ଧାଯୁକ୍ତ ଏବଂ ଦୋଷଦୃଷ୍ଟିରହିତ ହୋଇ ଏହି ଗୀତାଶାସ୍ତ୍ର ଶ୍ରବଣମାତ୍ର କରିବେ, ସେ ମଧ୍ୟ ପାପମୁକ୍ତ ହୋଇ ଉତ୍ତମ କର୍ମକାରୀମାନଙ୍କର ଶ୍ରେଷ୍ଠ ଲୋକମାନଙ୍କୁ ପ୍ରାପ୍ତ ହେବେ ||୧୮-୭୧ ||

Whoever hears this with faith and without cavil becomes free from sin, and attains heaven (or the higher regions for those whose actions are pure). (18.71)

କଚ୍ଚିଦେତଚ୍ଛ୍ରୁତଂ ପାର୍ଥ ତ୍ୱୟୈକାଗ୍ରେଣ ଚେତସା .

କଚ୍ଚିଦଜ୍ଞାନସମ୍ମୋହଃ ପ୍ରନଷ୍ଟସ୍ତେ ଧନଂଜୟ .. ୧୮-୭୨..

ହେ ପାର୍ଥ! କଣ ଏହି ଗୀତାଶାସ୍ତ୍ରକୁ ତୁମେ ଏକାଗ୍ରଚିତ୍ତରେ ଶ୍ରବଣ କରିଛ? ଏବଂ ହେ ଧନଞ୍ଜୟ! କ'ଣ ତୁମର ଅଜ୍ଞାନଜନିତ ମୋହ ନଷ୍ଟ ହୋଇଗଲା ? ||୧୮-୭୨ ||

O Arjuna, did you listen to this with single-minded attention? Has your delusion born of ignorance been destroyed? (18.72)

ଅର୍ଜୁନ ଉବାଚ .

ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା ତ୍ୱତ୍ପ୍ରସାଦାନ୍ମୟାଚ୍ୟୁତ .

ସ୍ଥିତୋଽସ୍ମି ଗତସଂଦେହଃ କରିଷ୍ୟେ ବଚନଂ ତବ .. ୧୮-୭୩..

ଅର୍ଜୁନ କହିଲେ-- ହେ ଅଚ୍ୟୁତ! ଆପଣଙ୍କ କୃପାରୁ ମୋର ମୋହ ନଷ୍ଟ ହୋଇଗଲା ଏବଂ ମୁଁ ସ୍ମୃତି ପାଇଗଲି; ମୁଁ ବର୍ତ୍ତମାନ ସମ୍ପୂର୍ଣ୍ଣ ନିଃସଂଶୟ ହୋଇଗଲି; ତେଣୁ ମୁଁ ଆପଣଙ୍କ ଆଜ୍ଞା ପାଳନ କରିବି ||୧୮-୭୩ ||

Arjuna said: By Your grace my delusion is destroyed, I have gained knowledge, my confusion (with regard to body and Atma) is dispelled and I shall obey Your command. (18.73)

ସଂଜୟ ଉବାଚ .

ଇତ୍ୟହଂ ବାସୁଦେବସ୍ୟ ପାର୍ଥସ୍ୟ ଚ ମହାତ୍ମନଃ .

ସଂବାଦମିମମଶ୍ରୌଷମଦ୍ଭୁତଂ ରୋମହର୍ଷଣମ୍ .. ୧୮-୭୪..

ସଞ୍ଜୟ କହିଲେ-- ଏହିପରି ମୁଁ ଶ୍ରୀବାସୁଦେବଙ୍କର ଏବଂ ମହାତ୍ମା ଅର୍ଜୁନଙ୍କର ଏହି ଅଦ୍ଭୁତ ରହସ୍ୟଯୁକ୍ତ ରୋମାଞ୍ଚକର ସମ୍ବାଦ ଶୁଣିଲି ||୧୮-୭୪ ||

Sanjaya said: Thus I heard this wonderful dialogue between Lord Krishna and Mahatma Arjuna, causing my hair to stand on end. (18.74)

ବ୍ୟାସପ୍ରସାଦାଚ୍ଛ୍ରୁତବାନେତଦ୍‌ଗୁହ୍ୟମହଂ ପରମ୍ .

ଯୋଗଂ ଯୋଗେଶ୍ୱରାତ୍‌କୃଷ୍ଣାତ୍‌ସାକ୍ଷାତ୍‌କଥୟତଃ ସ୍ୱୟମ୍ .. ୧୮-୭୫..

ଶ୍ରୀବ୍ୟାସଦେବଙ୍କ କୃପାରୁ ଦିବ୍ୟଦୃଷ୍ଟି ପାଇ ମୁଁ ଏହି ପରମ ଗୋପନୀୟ ଯୋଗ ଅର୍ଜୁନଙ୍କୁ କହୁଥିବା ସ୍ୱୟଂ ଯୋଗେଶ୍ୱର ଭଗବାନ୍ ଶ୍ରୀକୃଷ୍ଣଙ୍କ ମୁଖରୁ ପ୍ରତ୍ୟକ୍ଷ ଶୁଣିଲି ||୧୮-୭୫ ||

By the grace of (guru) sage Vyaasa, I heard this most secret and supreme yoga directly from Krishna, the lord of yoga, Himself speaking before my very eyes. (18.75)

ରାଜନ୍‌ସଂସ୍ମୃତ୍ୟ ସଂସ୍ମୃତ୍ୟ ସଂୱାଦମିମମଦ୍‌ଭୁତମ୍ .

କେଶବାର୍ଜୁନୟୋଃ ପୁଣ୍ୟଂ ହୃଷ୍ୟାମି ଚ ମୁହୁର୍ମୁହୁଃ .. ୧୮-୭୬..

ହେ ରାଜନ୍! ଭଗବାନ୍ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କର ଏହି ରହସ୍ୟମୟ, କଲ୍ୟାଣକର ଏବଂ ଅଦ୍‌ଭୁତ ସମ୍ବାଦ ସ୍ମରଣ କରି କରି ମୁଁ ବାରମ୍ବାର ହର୍ଷିତ ହେଉଛି ||୧୮-୭୬||

O King, by repeated remembrance of this marvelous and sacred dialogue between Lord Krishna and Arjuna, I am thrilled at every moment; and (18.76)

ତଚ୍ଚ ସଂସ୍ମୃତ୍ୟ ସଂସ୍ମୃତ୍ୟ ରୂପମତ୍ୟଦ୍‌ଭୁତଂ ହରେଃ .

ବିସ୍ମୟୋ ମେ ମହାନ୍ ରାଜନ୍ ହୃଷ୍ୟାମି ଚ ପୁନଃ ପୁନଃ .. ୧୮-୭୭..

ହେ ରାଜନ୍! ଶ୍ରୀହରିଙ୍କର ସେହି ଅତ୍ୟନ୍ତ ଅଦ୍‌ଭୁତ ରୂପ ସ୍ମରଣ କରି କରି ମୋର ଚିତ୍ତରେ ବଡ ବିସ୍ମୟ ଜାତ ହେଉଛି ଏବଂ ମୁଁ ବାରମ୍ବାର ହର୍ଷିତ ହେଉଛି ||୧୮-୭୭ ||

Recollecting again and again, O King, that marvelous form of Krishna I am greatly amazed and I rejoice over and over again. (18.77)

ୟତ୍ର ଯୋଗେଶ୍ୱରଃ କୃଷ୍ଣୋ ୟତ୍ର ପାର୍ଥୋ ଧନୁର୍ଧରଃ .

ତତ୍ର ଶ୍ରୀର୍ବିଜୟୋ ଭୂତିର୍ଧ୍ରୁବା ନୀତିର୍ମତିର୍ମମ .. ୧୮-୭୮..

ହେ ରାଜନ୍! ଯେଉଁଠାରେ ଯୋଗେଶ୍ୱର ଭଗବାନ୍ ଶ୍ରୀକୃଷ୍ଣ ଅଛନ୍ତି ଏବଂ ଯେଉଁଠାରେ ଗାଣ୍ଡୀବ ଧନୁ ଧାରଣ କରିଥିବା ଅର୍ଜୁନ ଅଛନ୍ତି, ସେଠାରେ ଶ୍ରୀ, ବିଜୟ, ବିଭୂତି ଏବଂ ଅଟଳ ନୀତି ରହିଛି; ଏହା ମୋର ମତ ||୧୮-୭୮||

Wherever is Krishna, the lord of yoga; and wherever is Arjuna, the archer; there will be everlasting prosperity, victory, happiness, and morality. This is my conviction. (18.78)

ଓଁ ତତ୍‌ସଦିତି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍‌ସୁ

ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂୱାଦେ

ମୋକ୍ଷସଂନ୍ୟାସୟୋଗୋ ନାମ ଅଷ୍ଟାଦଶୋଽଧ୍ୟାୟଃ .. ୧୮..

ଓଁ

ଶାଂତାକାରଂ ଭୁଜଗଶୟନଂ ପଦ୍ମନାଭଂ ସୁରେଶମ୍ .

ବିଶ୍ୱାଧାରଂ ଗଗନସଦୃଶଂ ମେଘବର୍ଣଂ ଶୁଭାଂଗମ୍ .

ଲକ୍ଷ୍ମୀକାଂତଂ କମଲନୟନଂ ଯୋଗିଭିର୍ଧ୍ୟାନଗମ୍ୟମ୍ .

ବଂଦେ ବିଷ୍ଣୁଂ ଭବଭୟହରଂ ସର୍ବଲୋକୈକନାଥମ୍ ..

****

EPILOGUE

The Farewell Message of Lord Krishna

Lord Krishna on the eve of His departure from the arena of this world, after finishing the difficult task of establishing Dharma, gave His last parting discourse to His uncle Uddhava who was also His dearest devotee and follower. At the end of a long sermon comprising of more than one thousand verses Uddhava said: O Lord, I think the pursuit of yoga as You narrated (to Arjuna, and now) to me, is very difficult, indeed, for most people, because it entails control of the unruly senses. Please tell me a short, simple, and easy way to God-realization. Lord Krishna upon Uddhava's request gave the essentials of Self-realization for the modern age as follows:

(1) Do your duty, to the best of your abilities, for the Lord without any selfish motive, and remember God at all times -- before starting a work, at the completion of a task, and while inactive.

(2) Practice to look upon all creatures as Myself in thought, word, and deed; and mentally bow down to them.

(3) Awaken your dormant Kundalini power -- by using yogic techniques -- and perceive that the power of God is with you at all times; through the activities of mind, senses, breathing, and emotions; and is constantly doing all the work using you as a mere instrument.

Paramahamsa Hariharananda says: God is in everything as well as above everything.

odia.org

OM SHANTIH, SHANTIH, SHANTIH

A word for the youth from Swami Vivekananda (In Chicago, 1893):

``Whatever you are doing, put your whole mind on it. If you are shooting, your mind should be only on the target. Then you will never miss. If you are learning your lessons, think only of the lesson. In India boys and girls are taught to do this.''

---

PREPARED BY **www.odia.org** using the "**DHWANI-UNICODE**" software.
The shlokas are based on itrans text and the english meanings are quoted from “The Bhagavad-Geeta by Ramanand Prasad” (file “bgita_meaning.txt”) at www.sanskritdocuments.org .

The odia meaning is quoted from shrimadbhagabatgiitaa (Gita Press Gorakhpur #1100, ISBN 81-293-0066-4) in odia with tiikka by Jayadayaal Goyandaka.
**FOR CORRECTIONS: MAIL TO odiaorg@gmail.com**